# NATIONAL NEWS BULLETIN (ODIA)

## 11 August - 2025

### Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅପରେସନ୍ ସିନ୍ଦୂରକୁ ସଫଳତା ଦେଇଛି, କହିଲେ ପ୍ରଧାନମନ୍ତ୍ରୀ ।
- ରାଜସ୍ଥାନର ଝୁନ୍‌ଝୁନ୍ ଠାରେ ୩୦ ଲକ୍ଷରୁ ଅଧିକ ଚାଷୀଙ୍କୁ ଫସଲବୀମା ପ୍ରଦାନ କରିବେ କେନ୍ଦ୍ର କୃଷି ମନ୍ତ୍ରୀ ।
- ନୂଆଦିଲ୍ଲୀର ବାବା ଖଡ଼କ ସିଂହ ମାର୍ଗରେ ସଂସଦ ସଦସ୍ୟଙ୍କ ପାଇଁ ନିର୍ମିତ ୧୮୪ଟି ଆବାସିକ କୋଠାର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଭୋଟ ଚୋରୀ ସମ୍ପର୍କିତ ଅଭିଯୋଗର ପ୍ରମାଣ ଦେବାକୁ ରାହୁଲ ଗାନ୍ଧିଙ୍କୁ ନୋଟିସ୍ ଜାରି କଲେ କର୍ଣ୍ଣାଟକର ମୁଖ୍ୟ ନିର୍ବାଚନ ଅଧିକାରୀ ।

ଏବଂ

- ବିଶ୍ୱ ଆଥ୍‌ଲେଟିକ୍ସ ବ୍ରୋଞ୍ଜ ସ୍ତରୀୟ କଣ୍ଟିନେଣ୍ଟାଲ୍ ଟୁର୍ ୨୦୨୫ରେ ଭାଗ ନେଲେ ୧୭ଟି ଦେଶର ୧୬୦ ଜଣ କ୍ରୀଡ଼ାବିତ୍ ।

## ପିଏମ୍-ବେଙ୍ଗାଲୁରୁ

ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଏବଂ ଉନ୍ନତ ଜ୍ଞାନକୌଶଳ ସମ୍ପନ୍ନ ଶକ୍ତି ଅପରେସନ୍ ସିନ୍ଦୂରକୁ ସଫଳତା ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ବେଙ୍ଗାଲୁରୁରେ ଏକ ଜନସଭାକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ସାରା ବିଶ୍ୱ ନୂତନ ଭାରତର ଶକ୍ତିକୁ ଦେଖିଛି ଏବଂ ଭାରତ କିଭଳି ଭାବେ ସୀମାପାର ଆତଙ୍କବାଦୀଙ୍କ ଶିବିରକୁ ନଷ୍ଟ କରିବା ଫଳରେ ପାକିସ୍ତାନ ପଛଘୁଞ୍ଚା ଦେଇଛି ତାହା ମଧ୍ୟ ବିଶ୍ୱ ଅବଲୋକନ କରିଛି ।

**V/O-PM Sindoor**

ପ୍ରଧାନମନ୍ତ୍ରୀ ନିର୍ମାଣ କ୍ଷେତ୍ରରେ ଜିରୋ ଡିଫେକ୍ଟ ଏବଂ ଜିରୋ ଇଫେକ୍ଟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ବିଶ୍ୱ ପ୍ରଯୁକ୍ତିବିଦ୍ୟା ମାନଚିତ୍ରରେ ବେଙ୍ଗାଲୁରୁ ଭାରତକୁ ଶୀର୍ଷ ସ୍ଥାନରେ ରଖିଛି ଏବଂ ଏବେ ନୂତନ ଜ୍ଞାନକୌଶଳ ଓ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ବେଙ୍ଗାଲୁରୁ ମଧ୍ୟ ନେତୃତ୍ୱ ନେବ ବୋଲି ସେ କହିଛନ୍ତି । ଆଧୁନିକ ପ୍ରଯୁକ୍ତିବିଦ୍ୟାର କ୍ଷମତା ଏବଂ ଭାରତୀୟ ଦର୍ଶନତତ୍ତ୍ୱ ଐତିହ୍ୟକୁ ମିଶ୍ରଣ କରି ନୂତନ ଭାରତ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବେଙ୍ଗାଲୁରୁର ଯୁବପିଢ଼ିକୁ କର୍ଣ୍ଣାଟକର ମୂଳଦୁଆ ବୋଲି କହିବା ସହ ଦେଶର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରୁ ପ୍ରତିରକ୍ଷା କ୍ଷେତ୍ର ପର୍ଯ୍ୟନ୍ତ ପ୍ରତ୍ୟେକଟି ସଫଳତାରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O-PM Zero Deffct**

୨୦୧୪ ପରଠାରୁ ଭାରତର ଭିତ୍ତିଭୂମି ବିକାଶ ସହିତ ୨୪ଟି ସହରକୁ ମେଟ୍ରୋ ନେଟ୍‌ୱର୍କ ସହ ଯୋଡ଼ିବା, ୪୦ ହଜାର କିଲୋମିଟରରୁ ଅଧିକ ରେଳ

ଲାଇନ୍‌ର ବିଦ୍ୟୁତିକରଣ କରିବା ଏବଂ ଇଲେକ୍ଟ୍ରୋନିକ୍ସ, ଅଟୋ ମୋବାଇଲ୍ ଓ ମୋବାଇଲ୍ ଫୋନ୍ ରପ୍ତାନୀ କ୍ଷେତ୍ରରେ ସଫଳତା ହାସଲ କରିବା ବିଷୟରେ ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଥିଲେ ।

ଗତକାଲି ୭ହଜାର ୧୬୦ କୋଟି ଟଙ୍କା ବ୍ୟୟ ସମ୍ବଳିତ ବାଙ୍ଗାଲୁରୁ ମେଟ୍ରୋର ୟେଲୋ ଲାଇନ୍ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ୧୫ ହଜାର ୬୧୦ କୋଟିରୁ ଅଧିକ ଟଙ୍କାର ତୃତୀୟ ପର୍ଯ୍ୟାୟ ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ।

ଏହି ୟେଲୋ ଲାଇନ୍ ଆର୍.ଭି. ରୋଡ୍‌ରୁ ବୋମାସଙ୍ଗରା ପର୍ଯ୍ୟନ୍ତ ୧୯ କିଲୋମିଟର ଦୀର୍ଘ ଲମ୍ବ ହୋଇଥିବା ବେଳେ ସେଥିରେ ୧୬ଟି ଷ୍ଟେସନ୍ ରହିବ । ଏହାକୁ ମିଶାଇ ବେଙ୍ଗାଲୁରୁରେ ମେଟ୍ରୋ ନେଟ୍‌ୱର୍କ ୯୬ କିଲୋମିଟରରେ ପହଞ୍ଚିଛି । ତୃତୀୟ ପର୍ଯ୍ୟାୟ ମେଟ୍ରୋ ପ୍ରକଳ୍ପରେ ଅଧିକ ୪୪ କିଲୋମିଟର ସହ ୩୧ଟି ଷ୍ଟେସନ୍ ଯୋଡ଼ି ହେବ । ଯାହାଫଳରେ ଭିଡ଼ ହ୍ରାସ ପାଇବା ସହ ଶିଳ୍ପ, ଶିକ୍ଷା ଏବଂ ସାଧାରଣ କ୍ଷେତ୍ରରେ ସହଜ ଏବଂ ସୁବିଧାରେ ଗମନା ଗମନ ବ୍ୟବସ୍ଥା ହୋଇପାରିବ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁରୁ ବେଲାଗାଭି, ଅମୃତସରରୁ ଶ୍ରୀମାତା ବୈଷ୍ଣୋଦେବୀ କାଟ୍ରା ଏବଂ ନାଗପୁରରୁ ପୁନେ ପର୍ଯ୍ୟନ୍ତ ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍ ଚଳାଚଳ ଦ୍ୱାରା ସମ୍ପୃକ୍ତ ଅଞ୍ଚଳ ଗୁଡ଼ିକରେ ବାଣିଜ୍ୟ ଓ ପର୍ଯ୍ୟଟନ ବୃଦ୍ଧି ପାଇବମ ବୋଲି କୁହାଯାଇଛି ।

# ଶିବରାଜ କ୍ରପ୍ ଇନ୍ସୁରାନ୍ସ

ରାଜସ୍ଥାନର ଝୁନ୍‌ଝୁନ୍ ଠାରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୩୦ଲକ୍ଷରୁ ଅଧିକ ଚାଷୀଙ୍କୁ ଫସଲବୀମା ବଣ୍ଟନ କରିବେ । ଏହି ଫସଲବୀମା ବଣ୍ଟନ ପରିମାଣ ୩ ହଜାର ୨୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅନୁଯାୟୀ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ମାଧ୍ୟମରେ ବୀମା ରାଶି ଚାଷୀଙ୍କ ବ୍ୟାଙ୍କ୍ ଖାତାକୁ ସ୍ଥାନାନ୍ତର କରାଯିବ । ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶର ଚାଷୀମାନଙ୍କୁ ୧ ହଜାର ୧୫୬ କୋଟି ଟଙ୍କା, ରାଜସ୍ଥାନର ଚାଷୀମାନଙ୍କୁ ୧ ହଜାର ୧୨୧ କୋଟି, ଛତିଶଗଡ଼ର ଚାଷୀମାନଙ୍କୁ ୧୫୦ କୋଟି ଏବଂ ଅନ୍ୟ ରାଜ୍ୟର ଚାଷୀମାନଙ୍କୁ ୭୭୩ କୋଟି ଟଙ୍କା ପ୍ରଦାନ କରାଯିବ । କାର୍ଯ୍ୟକ୍ରମରେ ଝୁନ୍‌ଝୁନ୍, ଶିକର, ଜୟପୁର, କୋଟପୁଟଲି-ବେହରର ଏବଂ ଅନ୍ୟାନ୍ୟ ଜିଲ୍ଲାର ଚାଷୀମାନେ ବହୁ ସଂଖ୍ୟାରେ ଯୋଗଦେବେ ବୋଲି ଆଶା କରାଯାଉଛି ।

# ପିଏମ୍-ଫ୍ଲାଟସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ବାବା ଖଡ଼କ ସିଂହ ମାର୍ଗରେ ସଂସଦ ସଦସ୍ୟଙ୍କ ପାଇଁ ୧୮୪ଟି ନବନିର୍ମିତ ଟାଇପ୍-୭ ବହୁ ମହଲା ଫ୍ଲାଟ୍‌ର ଉଦ୍‌ଘାଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସିକ ପରିସରରେ ଏକ ସିନ୍ଦୂର ଚାରା ରୋପଣ କରିବାର କାର୍ଯ୍ୟକ୍ରମ

ରହିଛି । ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମଜୀବୀମାନଙ୍କ ସହ ଆଲୋଚନା କରି ଏକ ସାଧାରଣ ସମାବେଶକୁ ସମ୍ବୋଧନ କରିବେ ବୋଲି ଜଣାପଡ଼ିଛି ।

ଉଦ୍‌ଘାଟନ ହେବାକୁ ଥିବା ଆବାସିକ କୋଠାରେ ସଂସଦ ସଦସ୍ୟମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଧୁନିକ ସୁବିଧା ସୁଯୋଗ କରାଯାଇଛି । ଏଥିରେ ପରିବେଶଗତ ପରିଚାଳନା କ୍ଷମତା ବୃଦ୍ଧି ନିମନ୍ତେ ଶକ୍ତି ସଂରକ୍ଷଣ ଏବଂ ନବୀକରଣୀୟ ଶକ୍ତି ଉତ୍ପାଦନର ବ୍ୟବସ୍ଥା କରାଯାଇଛି । ଏହି କୋଠାରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଜନପ୍ରତିନିଧିମାନେ ଯେଭଳି ଲୋକମାନଙ୍କ ସହ ଆଲୋଚନା ଓ ବିଚାର ବିମର୍ଷ କରିପାରିବେ ସେ ନେଇ ସ୍ୱତନ୍ତ୍ର କାର୍ଯ୍ୟାଳୟ ମଧ୍ୟ ରହିଛି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ : **V/O-RAHISUDDIN---ADARSH**

## ଇସି-ରାହୁଲ ଗାନ୍ଧି

କର୍ଣ୍ଣାଟକର ମୁଖ୍ୟ ନିର୍ବାଚନ ଅଧିକାରୀ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ନିର୍ବାଚନ ସମ୍ବନ୍ଧୀୟ ନୋଟିସ୍ ଜାରି କରିଛନ୍ତି । ୨୦୨୪ ଲୋକସଭା ନିର୍ବାଚନରେ ଭୋଟର ଜାଲିଆତି ଅଭିଯୋଗର ପ୍ରମାଣ ଦେବାକୁ ଶ୍ରୀ ଗାନ୍ଧିଙ୍କୁ ନିର୍ବାଚନ ଅଧିକାରୀ କହିଛନ୍ତି । କେଉଁ ଆଧାରରେ ସକୁନ୍ ରାଣୀ ଓ ଅନ୍ୟ କେହି ଭୋଟର ଦୁଇଥର ଭୋଟ ଦେଇଥିଲେ ବୋଲି ରାହୁଲ ଗାନ୍ଧି କହୁଛନ୍ତି, ତାହାର ପ୍ରମାଣ ଦେବାକୁ କୁହାଯାଇଛି । ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ସକୁନ୍ ରାଣୀ କେବଳ ଥରେ ଭୋଟ ଦେଇଥିଲେ ।

ଅନ୍ୟ ପକ୍ଷରେ ଶ୍ରୀ ଗାନ୍ଧି ଯେଉଁ ଦସ୍ତାବିଜ୍ ଉପସ୍ଥାପନ କରିଛନ୍ତି ତାହା ପୋଲିଂ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ଦସ୍ତାବିଜ୍ ନୁହେଁ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି । ଗତ ୭ ତାରିଖରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ କର୍ଣ୍ଣାଟକର ମହାଦେବପୁରା ବିଧାନସଭା କ୍ଷେତ୍ରରେ ବଡ଼ ଧରଣର ଭୋଟ ଚୋରି ହୋଇଥିବା ଅଭିଯୋଗ କରିଥିଲେ । ଏ ନେଇ ନିର୍ବାଚନ କମିଶନ୍ ରାହୁଲ ଗାନ୍ଧିଙ୍କୁ ଆନୁଷ୍ଠାନିକ ଘୋଷଣାପତ୍ର ଦାଖଲ କରିବା କିମ୍ବା ମିଥ୍ୟା ଅଭିଯୋଗ ପାଇଁ କ୍ଷମା ମାଗିବା ଲାଗି କହିଥିଲେ ।

## ଇରାକ୍ ଗ୍ୟାସ୍ ଲିକ୍

ଇରାକ୍‌ର ଏକ ଜଳବିଶୋଧନ କେନ୍ଦ୍ରରେ ଫ୍ଲୋରିନ୍ ଗ୍ୟାସ୍ ନିର୍ଗତ ହେବାରୁ ୬୦୦ରୁ ଅଧିକ ଶିଆ ତୀର୍ଥଯାତ୍ରୀ ଆହତ ହୋଇଛନ୍ତି । ଶ୍ୱାସକ୍ରିୟା ଜନିତ ସମସ୍ୟା ପାଇଁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଇରାକ୍‌ର ମଧ୍ୟଭାଗ ଏବଂ ଦକ୍ଷିଣରେ ଥିବା ନଜଫ୍ ଓ କାରୱାଲା ସହରରେ ଏହି ଘଟଣା ଘଟିଛି । ଚଳିତ ବର୍ଷ ଲକ୍ଷ ଲକ୍ଷ ଶିଆ ମୁସଲିମ୍ ତୀର୍ଥଯାତ୍ରୀ କାରୱାଲା ଯିବା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି । ସେଠାରେ ସେମାନେ ପ୍ରଫେଟ୍ ମହମ୍ମଦ୍‌ଙ୍କ ନାତି ହୁସେନ୍‌ଙ୍କ ମୃତ୍ୟୁକୁ ସ୍ମରଣ କରି ୪୦ ଦିନିଆ ଶୋକ ଅବଧି ପାଳନ କରିବେ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅଙ୍ଗଦାନ, ନୂତନ ଜୀବନ ଲାଗି ଅବଦାନ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୋଟୋର ଯୁଗ୍ମ ନିର୍ଦ୍ଦେଶକ ସାଇନି ସୁମନ ପ୍ରଧାନ ଏବଂ ଭାରତୀୟ ଚକ୍ଷୁ ବ୍ୟାଙ୍କ୍ ସଂଘର ମହା-ସଚିବ ଡାକ୍ତର ରାଜେଶ ସିହ୍ନା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ସ୍ପୋର୍ଟ୍‌ସ୍ ରାଉଣ୍ଡଅପ୍

କ୍ରୀଡ଼ା କ୍ଷେତ୍ରରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ଉନ୍ନତ ଖେଳ ପ୍ରଦର୍ଶନ ସହ ନୂତନ କୀର୍ତ୍ତିମାନ ସ୍ଥାପନ କରିବାରେ ସଫଳତା ହାସଲ କରିଛନ୍ତି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ୍ –

# ସ୍ପୋର୍ଟସ୍ ରାଉଣ୍ଡଅପ୍

ଓଡ଼ିଶାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ପ୍ରଥମଥର ପାଇଁ ବିଶ୍ୱ ଆଥ୍‌ଲେଟିକ୍ସ ବ୍ରୋଞ୍ଜ ସ୍ତରୀୟ କଣ୍ଟିନେଣ୍ଟାଲ୍ ଟୁର୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ଦିନିକିଆ ପ୍ରତିଯୋଗିତାରେ ୧୭ଟି ଦେଶର ୧୬୦ ଜଣ ମହିଳା ଓ ପୁରୁଷ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ । ଏଥିରେ ଭାରତର ୯୩ ଜଣ କ୍ରୀଡ଼ାବିତ୍ ୧୦୦, ୨୦୦, ୪୦୦ ଓ ୮୦୦ ମିଟର ଦୌଡ଼ ସମେତ ଜାଭେଲିନ୍ ଥ୍ରୋ ଓ ୧୮ଟି ଅନ୍ୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରଦର୍ଶନକାରୀମାନେ ଆସନ୍ତାମାସରେ ଟୋକିଓରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ।

ମହିଳା ଜାଭେଲିନ୍ ଥ୍ରୋରେ ଅନୁ ରାଣୀ, ପୁରୁଷ ଲମ୍ବଡ଼ିଆଁରେ ମୁରଲୀ ଶ୍ରୀଶଙ୍କର, ମହିଳା ୧୦୦ ମିଟର ଦୌଡ଼ରେ ଅବିନୟ ରାଜାରାଜନ, ବାଧା ଦୌଡ଼ରେ ପ୍ରଜ୍ଞା ପ୍ରଶାନ୍ତି ସାହୁ, ପୁରୁଷ ୨୦୦ ମିଟର ଦୌଡ଼ରେ ଅନିମେଶ କୁଜୁର, ୪୦୦ ମିଟର ଦୌଡ଼ରେ ବିଶାଲ ଟି.କେ., ୮୦୦ ମିଟର ମହିଳା ଦୌଡ଼ରେ ଅମନଦୀପ କୌର, ମହିଳା ୧୫୦୦ ମିଟର ଦୌଡ଼ରେ ପୂଜା, ମହିଳା ଲମ୍ବ ଡିଆଁରେ ସାଇଲି ସିଂହ ସଫଳତା ଅର୍ଜନ କରିଛନ୍ତି ।

ବ୍ୟାଙ୍ଗ୍‌କକ୍‌ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଏସୀୟ ମୁଷ୍ଟି ଯୋଦ୍ଧା ପ୍ରତିଯୋଗିତାରେ ଭାରତୀୟ ମୁଷ୍ଟିଯୋଦ୍ଧା ନିଶା ଏବଂ ମୁସ୍‌କାନ୍ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅନ୍ୟ ୫ ଜଣ ରୌପ୍ୟ ପଦକ ଜିତିଛନ୍ତି । ପ୍ରତିଯୋଗିତାରେ

୧୦ ଜଣ ମହିଳା ମୁଷ୍ଟିଯୋଦ୍ଧାଙ୍କ ମଧ୍ୟରୁ ୯ ଜଣ ଦୁଇଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ଦୁଇଟି କାଂଶ୍ୟ ପଦକ ହାସଲ କରିଛନ୍ତି ।

କ୍ୱାଣ୍ଟବକ୍ସ ଚେନ୍ନାଇ ଗ୍ରାଣ୍ଡ ମାଷ୍ଟର୍ସ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ଚତୁର୍ଥ ପର୍ଯ୍ୟାୟରେ ନିହାଲ ସରିନ୍, ଅର୍ଜୁନ ଇରିଗାସିଙ୍କୁ ପରାସ୍ତ କରିଛନ୍ତି । ଗ୍ରାଣ୍ଡମାଷ୍ଟର ବିଦିତ୍ ଗୁଜରାଥି ଏବଂ ପ୍ରଣବ ଭି.ଙ୍କ ମଧ୍ୟରେ ମ୍ୟାଚ୍ ଡ୍ର’ ରହିଥିବା ବେଳେ ଉଭୟ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟରଂଜନ ମିଶ୍ର ।